# Akashvani, Sambalpur

## SAMBALPURI NEWS EVENING BULLETIN

## 21 June 2024- 7.02 pm- 7.12 pm.

**********************************************

୧- ଯୋଗ ସମାଜ୍‌ଥି ସକାରାତ୍ମକ ପରିବର୍ତ୍ତନ୍ ଆନିପାରିଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ନିଜର୍ ଆଉ ସମାଜ୍ ଲାଗି ଯୋଗ ର ବାର୍ତାକେ ନେଇକରି ଆଏଜ୍ ସାରା ପୁର୍‌ଥି ନ ପାଲନ୍ କରାଯାଉଛେ ଦଶମ ଆନ୍ତର୍ଜାତୀୟ ଯୋଗ ଦିବସ୍ ।

୨- ଭାରତୀୟ ହକି ଦଲ୍‌ର ସ୍ପନ୍‌ସର୍‌ସିପ୍‌କେ ଅଏତ୍‌କା ୩ ବଛର୍ ବଢ଼ାଯିବା- କହେଲେ ମୁଖ୍ୟମନ୍ତ୍ରୀ ।

୩- ଶ୍ରୀକ୍ଷେତ୍ର ପୁରୀ ନ ଆଏବା କାଏଲ୍ ହେବା ଦେବସ୍ନାନ ପୂର୍ଣ୍ଣିମା ନୀତି ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ୬ ଟା ଜିଲ୍ଲା ସହେତେ ରାଜ୍ୟର୍ ୨୪ ଟା ଜିଲ୍ଲାକେ ପୁହୁଁଚିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ।

ଯୋଗ ଦିବସ୍ ସମ୍ବଲପୁର/ବୌଦ୍ଧ/ ସୁବର୍ଣ୍ଣପୁର/ ବର୍‌ଗଡ଼୍/ ବଲାଙ୍ଗିର୍/ ନୂଆପଡ଼ା/ ଦେବ୍‌ଗଡ଼୍/ଝାର୍‌ସୁଗୁଡ଼ା/କଲାହାଣ୍ଡି

ସାରା ପୁର୍‌ଥି ନ ଯୋଗ ପ୍ରତି ଅଏତ୍‌କା ଲୋକ୍ ଆକର୍ଷିତ ହେଉଛନ୍ । ଯୋଗ ଖାଲି ଗୁଟେ ବିଦ୍ୟା ନୁହେଁ, ବିଜ୍ଞାନ୍ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନିଜର୍ ଆଉ ସମାଜ୍ ଲାଗି ଯୋଗର ବାର୍ତାକେ ନେଇକରି ଆଏଜ୍ ଦଶମ ଆନ୍ତର୍ଜାତିକ ଯୋଗ ଦିବସ ପାଲନ୍ କରାଯାଇଛେ । ଜମ୍ମୁ କାଶ୍ମୀର୍‌ର ଶ୍ରୀନଗର୍ ନ ହେଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯୋଗ ରୋଜ୍‌ଗାର୍‌ର ମାଧ୍ୟମ୍ ସାଜିଛେ । ଯୋଗ - ପର୍ଯ୍ୟଟନ୍ ଆଡ଼୍‌କେ ଖାସ୍‌କରି ବିଦେଶ୍ ନ ଥିବା ଲୋକ୍‌ମାନେ ଆକର୍ଷିତ୍ ହେଉଛନ୍ । ଯୋଗ ଉପ୍‌ରେ ବିଶ୍ୱସ୍ତର୍‌ଥି ଗବେଷଣା କରାଯାଉଛେ । ଯୋଗ ସମାଜ୍‌ଥି ସକାରାତ୍ମକ ପରିବର୍ତନ୍ ଆନିପାରିଛେ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ଆନ୍ତର୍ଜାତୀୟ ଯୋଗ ଦିବସ୍ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ ରାଜ୍ୟବାସୀଙ୍କୁ ଶଭେଛା ଜନେଇକରି କହିଛନ୍ ଯେ, ଯୋଗ ଭାରତୀୟ ସଂସ୍କୃତିର ଅମୂଲ୍ୟ ଉପହାର୍ । ଯେନ୍‌ଟାକି ସାରା ପୁର୍‌ଥିକେ ସ୍ୱାସ୍ଥ୍ୟ ଦିଗେ ସଚେତନ୍ କରୁଛେ ।

ସୁସ୍ଥ ମନ ଆଉ ଶରୀର ଲାଗି ଯୋଗକେ ଜୀବନ୍‌ଶୈଲୀର ଗୁଟେ ଅଂଶ ଭାବେ ବିବେଚନା କର୍‌ବାର୍ ଦର୍‌କାର୍ ।

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ରାଜ୍ୟସ୍ତରୀୟ ଯୋଗଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍‌ଦେଇକରି କହିଛନ୍ ଯେ, ନୂଆଁ ଓଡ଼ିଶା ଆଉ ସୁସ୍ଥ ଓଡ଼ିଶା ଗଠନ୍ ଦିଗେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ଯୋଗ ଜରିଏ ଗୁଟେ ସୁସ୍ଥ ସମାଜ୍ ଗଠନ୍ ଲାଗି ଯେନ୍ ଉଦ୍ୟମ୍ ମୁଲ୍ ହେଇଛେ । ସେଟାକେ ସମାଜ୍‌ର ସବୁ ସ୍ତର୍‌କେ ନେବାର୍ ଲାଗି ଚେରେଷ୍ଟା ଜାରି ରହେବା ବଲି ଶ୍ରୀ ମାଝୀ କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍ ଯେ, ଯୋଗ ଆମ୍‌କୁ ଶାରୀରିକ, ମାନସିକ ଆଉ ଆଧାତ୍ମିକ ଭାବେ ସୁସ୍ଥ ରହେବାର୍‌ଥି ସାହାଜ୍ କର୍‌ସି । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ନୂଆପଲ୍ଲୀର କସ୍ତୁରବା ସ୍କୁଲ୍ ଖେଲ୍ ପଡ଼ିଆ ନ ହେଇଥିବା ଯୋଗ ଦିବସ୍ ସମାରୋହଥି ଉପସ୍ଥିତ୍ ଥିଲେ । ସେନ୍ତା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ ସାଂସଦ୍ ସମ୍ବିତ୍ ପାତ୍ର କୋଣାର୍କ ଠାନେ ଆଉ ବାଚସ୍ପତି ସୁରମା ପାଢ଼ୀ ନୟାଗଡ଼୍ ନ ଜିଲ୍ଲାସ୍ତରୀୟ ସମାରୋହଥି ଯୋଗ୍ ଦେଇଥିଲେ ।

ସମ୍ବଲ୍‌ପୁର୍‌ର ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ଠାନେ ଆନ୍ତର୍ଜାତୀୟ ଯୋଗ ଦିବସ୍ ପାଲିତ୍ ହେଇଛେ । ଇ ସମାରୋହଥି

ପଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବି ନାରାୟଣ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇତାର୍ସହେତେ ଭିନ୍ ଭିନ୍ ଅନୁଷ୍ଠାନ୍, ଛାତ୍ରଛାତ୍ରୀ ଆଉ ଲୋକ୍ମାନେ ସମାରୋହଥି ଯୋଗ କରିଥିଲେ ।

ବୌଦ୍ଧ ଜିଲ୍ଲାର୍ ଟାଉନ୍ହଲ୍ ଠାନେ ଜିଲ୍ଲାସ୍ତରୀୟ ଯୋଗ ଦିବସ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇଥିଲେ । ଜିଲ୍ଲାର୍ ପିଏମ୍ସି କେନ୍ଦ୍ରୀୟ ବିଦ୍ୟାଳୟ, ଜବାହାର୍ ନବୋଦୟ ବିଦ୍ୟାଳୟ ସହେତେ ଭିନ୍ ଭିନ୍ ଜାଗା ନ ଯୋଗ, ପ୍ରାଣାୟାମ୍ କରାଯାଇଛେ । ସେନ୍ତା ବୌଦ୍ଧ ରାମ୍ନାଥ୍ ମନ୍ଦିର୍ ନ ହେଇଥିବା ଯୋଗ ଦିବସ୍ କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ ଡାଙ୍ଗ ଯୋଗ୍ ଦେଇଥିଲେ ।

ସୁବର୍ଣ୍ଣପୁର ଜିଲ୍ଲା ସଦର୍ମହକୁମାର୍ ରାମେଶ୍ୱର ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ଯୋଗ ଦିବସ୍ ପାଳିତ୍ ହେଇଛେ । ଇଥି ବୀରମହାରାଜ୍ପୁର୍ ବିଧାୟକ୍ ରଘୁନାଥ ଜଗ୍ଦଲା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ବର୍ଗଡ଼୍ ଜିଲ୍ଲା ବିଜୁ ପଟ୍ଟନାୟକ୍ ବହୁମୁଖୀ ଇନ୍ଡୋର୍ ଷ୍ଟାଡ଼ିୟମ୍ ଠାନେ ଯୋଗ ଦିବସ୍ ପାଳିତ୍ ହେଇଛେ । ଇଥି ବର୍ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଜିଲ୍ଲାର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ର ଛାତ୍ରଛାତ୍ରୀ,

ସାମାଜିକ ଆଉ ସାଂସ୍କୃତିକ୍ ସଂଗଠନ୍‌ର କର୍ମକର୍ତା ମାନେ ଉପସ୍ଥିତ୍ ରହିକରି ଯୋଗ କରିଥିଲେ ।

ବଲାଙ୍ଗିର୍ ଜିଲ୍ଲା ଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ଯୋଗ ଦିବସ୍ ପାଳିତ୍ ହେଇଯାଇଛେ । ଇଥି ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍‌ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ଯୋଗ ଦେଇଥିଲେ । ସେନ୍ତା ଟିଟିଲାଗଡ୍, କଂଟାବାଞ୍ଜି ସହେତେ ଭିନ୍ ଭିନ୍ ଜାଗା ନ ଯୋଗ ଶିବିର ହେଇଯାଇଛେ ।

ନୂଆପଡ଼ା ଜିଲ୍ଲା ସଦର୍ ମହକୁମାର ନେସ୍‌ନାଲ୍ କଲେଜ୍ ପରିସର ନ ନେହେରୁ ଯୁବକେନ୍ଦ୍ର ଆଉ କଲେଜ୍‌ର ମିଳିତ ଆନୁକୂଲ୍ୟଥି ଆନ୍ତର୍ଜାତିକ ଯୋଗ ଦିବସ୍ ପାଳିତ୍ ହେଇଯାଇଛେ । ଇଥି ମୁଖ୍ୟଅତିଥି ଭାବେ କଳାହାଣ୍ଡିର ଆଘର୍ ସାଂସଦ୍ ବସନ୍ତ କୁମାର୍ ପଣ୍ଡା ଯୋଗ୍ ଦେଇଥିଲେ ।

ଝାର୍‌ସୁଗୁଡ଼ା ଜିଲ୍ଲା ଇନ୍‌ଡୋର୍ ଷ୍ଟାଡ଼ିୟମଠାନେ ଜିଲ୍ଲାସ୍ତରୀୟ ଯୋଗ ଦିବସ୍ ପାଳିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ୍ ଦେଇଥିଲେ ।

ଦେବ୍‌ଗଡ୍ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ୍ ପାଳିତ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ୍ ଅଗସ୍ତି ବେହେରା ଯୋଗ୍ ଦେଇଥିଲେ ।

ରାଉର୍‌କେଲାର ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍‌ଠାନେ ହେଇଥିବା ଆନ୍ତର୍ଜାତୀୟ ଯୋଗଦିବସ୍ ସମାରୋହଥି କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ୍ ଦେଇଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର ଲାଲ୍‌ବାହାଦୂର୍ ଶାସ୍ତ୍ରୀ ଷ୍ଟାଡ଼ିୟମ୍ ଠାନେ ଆନ୍ତର୍ଜାତୀୟ ଯୋଗ ଦିବସ୍ ପାଲିତ୍ ହେଇଛେ । ଇଥି ମୁଖ୍ୟଅତିଥି ଭାବେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ସବୁଦିନ ଯୋଗ କର୍‌ବାର୍ ଆର୍ ନିଜ୍‌କେ ସୁସ୍ଥ ରଖ୍‌ବାର୍ ଲାଗି ସଭେ ଶପଥ୍ ପାଠ କରିଥିଲେ ।

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍-ଯୋଗଦିବସ୍   ରେଲ୍‌ୱେ ପ୍ରେସ୍ ରିଲିଜ୍

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ତର୍‌ଫୁ ରେଲ୍‌ବାଇ କମ୍ୟୁନିଟି ହଲ୍ ଠାନେ ଆନ୍ତର୍ଜାତିକ ଯୋଗ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ସେନ୍ତା ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍‌ର ସବୁ ଷ୍ଟେସନ୍ ଆଉ ୟୁନିଟ୍ ମାନ୍‌କେ ଭିଲ୍ ଆନ୍ତର୍ଜାତିକ ଯୋଗ ଦିବସ୍ ପାଲିତ୍ ହେଇଛେ ।

ଭାରତୀୟ ହକି ସ୍ପନ୍‌ସର୍‌ସିପ୍ ପ୍ରେସ୍ ରିଲିଜ୍

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ୨୦୩୬ ମସିହା ଥି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍‌ର ଶହେ ବଛର୍ ପୂର୍ତି ପାଲନ୍ କରାଯିବା । ଇଥିର୍‌ଲାଗି ଭାରତୀୟ ହକିର ସ୍ପନ୍‌ସର୍‌ସିପ୍‌କେ ଅଏତ୍‌କା ୩ ବଛର୍ ବଢ଼ାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଜ୍ୟ ଅତିଥି ଭବନ୍ ଠାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ହକି ଇଣ୍ଡିଆର୍ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ୍ ତିର୍କୀ ଆର୍ ମହାସଚିବ ଭୋଲାନାଥ ସିଂ ଆଏଜ୍ ଭେଟିଥିଲେ । ଇ ସମିଆଥି ଭାରତୀୟ ହକି ଦଲ୍‌ର ବିକାଶ୍ ଉପ୍‌ରେ ଆଲୋଚନା ହେଇଥିଲା । ୨୦୨୩ ମସିହାନୁ ୧୦ ବଛର୍ ଲାଗି ଭାରତୀୟ ହକି ଦଲ୍‌କେ ଓଡ଼ିଶା ସର୍‌କାର୍ ସ୍ପନ୍‌ସର୍‌ସିପ୍ କର୍‌ବେ ବଲି ଆଘୋନୁ ଘୋଷ୍‌ନା ହେଇଥିବାର୍ ବେଲେ ଇଟାକେ ଏଛେନ୍ ୨୦୩୬ ମସିହାତକ୍ ବଢ଼ାବାର୍ ଲାଗି ମୁଖ୍ୟମନ୍ତ୍ରୀ ନିଷ୍ପତି ନେଇଛନ୍ । ସେନ୍ତା ହକିର ଉନ୍ନତିର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସବୁ ସହଯୋଗ୍ ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଦେବସ୍ମାନ ପୂର୍ଣ୍ଣିମା ଆର୍‌ଏନ୍‌ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ଆଏବା କାଏଲ୍  ମାହାପୁରୁମାନ୍‌କର୍ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ନୀତି ହେବା । ଇଥିର୍‌ଲାଗି ପ୍ରଶାସନିକସ୍ତରଥି ସବୁ ବ୍ୟବସ୍ଥା କରାଯାଇଛେ । ଶ୍ରୀଜୀଉମାନ୍‌କର୍ ହାତୀ ବେଶକେ ଶୃଙ୍ଖଲିତ୍ କର୍‌ବାର୍ ଲାଗି ସ୍ୱତନ୍ତ୍ର ନୀତିକାନ୍ତି ଧାରିଜ୍ କରାଯାଇଛେ । ପହପହର୍ ସାଢ଼େ ୪ ବଜେନୁ ମଙ୍ଗଳାର୍ପଣ ହେବାର୍ ଉତ୍‌ରୁ ସଖାଲ୍‌ବେଲା ୫ ବଜେନୁ ୭ ବଜେ ଭିତ୍‌ରେ ଡୋରଲାଗି, ପୁଷ୍ପାଞ୍ଜଳି ହେଇକରି ପହଣ୍ଡି ମୁଲ୍ ହେବା । ସ୍ୱତନ୍ତ୍ର ନୀତିକାନ୍ତି ଉତ୍‌ରୁ ୧୨ ବାଜିକରି ୨୦ ମିନିଟ୍‌ନୁ ୧୨ ବାଜିକରି ୪୫ ମିନିଟ୍ ଭିତ୍‌ରେ ଜଳବିଜେ ଆଉ ସ୍ନାନ ନୀତି କରାଯିବା । ଉପର୍‌ବେଲା ୩ ବଜେ ଛେରାପହଁରା, ୩ ବାଜିକରି ୪୦ ମିନିଟ୍‌ଥି ହାତୀ ବେଶ ଉତ୍‌ରୁ ସଞ୍ଜ୍‌ବେଲା ସାଢ଼େ ୭ ବଜେ ନୁ ସାହାଣ ମେଲା ଦର୍ଶନ୍ ମୁଲ୍ ହେବା । ରାତି ସାଢ଼େ ୧୧ ବଜେନୁ ରାତି ୨ ବଜେ ଭିତ୍‌ରେ ବାହୁଡ଼ା ପହଣ୍ଡି କରାଯିବା । ସ୍ନାନଯାତ୍ରାକେ ସୁରୁଖୁରୁଥି ସାର୍‌ବାର୍ ଲାଗି ୬୮ ପ୍ଲାଟୁନ୍ ଫୋର୍ସ ମୁତୟନ୍ କରାଯିବା ବଲି ଏସ୍.ପି. ପିନାକ ମିଶ୍ର କହିଛନ୍ ।

ସମ୍ବଲ୍‌ପୁର୍- ଜଣ୍ଡିସ୍        ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ମହାନଗର୍ ଇଲାକା ନ ଜଣ୍ଡିସ୍ ଆକ୍ରାନ୍ତଙ୍କର୍ ସଂଖ୍ୟା ବଢ଼୍‌ବାର୍‌ଥି ଲାଗିଛେ । ସ୍ୱାସ୍ଥ୍ୟ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଏବ୍‌ତକ୍ ୫୯ ଝନ୍ ଜଣ୍ଡିସ୍ ରୋଗ୍‌ଥି ଆକ୍ରାନ୍ତ ହେଇଥିବା ଚିହ୍ନଟ୍ କରାଯାଇଛେ । ଗୁପ୍‌ଚୁପ୍, ଦହିବରା ଆଉ ଚୁସ୍‌କି ଖାଏବାର୍ ନୁ ଇ ରୋଗ୍ ହେଉଥିବା ପ୍ରାଥମିକ ଭାବେ ଚିହ୍ନଟ୍ ହେଇଛେ । ସେନ୍ତା ପିଏଚ୍‌ଡି ପାଏନ୍‌କେ ନେଇକରି ଭିଲ୍ ସନ୍ଦେହ କରାଯାଉଛେ । ଇଥିର୍‌ଲାଗି ପାନିର୍ ନମୁନା ସଂଗ୍ରହ କରାଯାଇକରି ପରୀକ୍ଷା ଲାଗି ପଠାଯାଇଛେ । ରିପୋର୍ଟ ଆସ୍‌ବାର୍ ଉତ୍‌ରୁ ସ୍ଥିତି ସ୍ୱଷ୍ଟ ହେବା ବଲି ପ୍ରଶାସନ୍ ତର୍‌ଫୁ କୁହାଯାଇଛେ । ସେଆଡ଼େ ସଂକ୍ରମିତ୍ ଇଲାକା ନ ଘର୍‌କେ ଘର୍ ବୁଲିକରି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସର୍ଭେ କାମ୍ ଚାଲିଛେ । ଇତାର୍‌ସହେତେ ସମ୍‌କୁ ଦର୍‌କାରୀ ଚିକିତ୍ସା ସୁବିଧା ଭିଲ୍ ଯୁଗେଇ ଦିଆଯାଉଛେ । ଜଣ୍ଡିସ୍ ହେଇଥିଲେ ଭିଲ୍ ଏବ୍‌ତକ୍ କେହି ଡାକ୍ତର୍‌ଖାନାଥି ଭର୍ତି ନାଇଁ ହେଇ । ଇ ସବୁ ସଂକ୍ରମିତ ସହରର୍ କୁମ୍ଭାର୍‌ପଡ଼ା, ସାଲିଆବଗିଚା, ପେନ୍‌ସନ୍‌ପଡ଼ା ଆର୍ ଧୁବାପଡ଼ା ଇଲାକାନୁ ଚିହ୍ନଟ୍ ହେଇଥିବାର୍ ବେଲେ ଇଥି ଛୁଆମାନ୍‌କର୍ ସଂଖ୍ୟା ଅଏତ୍‌କା ରହିଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୮ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗିର୍, ବୌଦ୍ଧ, ସୋନ୍‌ପୁର୍, ବର୍‌ଗଡ୍, ଦେବ୍‌ଗଡ୍ ସେହେତେ ରାଜ୍ୟର୍ ୨୪ ଟା ଜିଲ୍ଲାକେ ଦକ୍ଷିଣ ପଶ୍ଚିମ ସୌମୁମୀ ବାୟୁ ପୁହୁଁଚିଛେ । ଇତାର୍‌ପ୍ରଭାବ୍‌ଥି ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ହେଉଛେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ସେଆଡ଼େ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର ୬ ଟା ଜିଲ୍ଲାକେ ମୌସୁମୀ ବାୟୁ ପୁହୁଁଚିବାର୍ ଲାଗି ପାଗ ଅନୁକୂଳ ରହିଛେ ।